# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**3 February – 2026**

# ରାଷ୍ଟ୍ରପତି - ଯାଜପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କୁ ଦର୍ଶନ କରିବା ସହ ନାଭିଗୟାରେ ପିଣ୍ଡଦାନ କରିବେ । ପରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବା ସହିତ ନବନିର୍ମିତ ପ୍ରେକ୍ଷାଳୟକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି। ରାଷ୍ଟ୍ରପତି ଆଜି ସଂଧ୍ୟାରେ ପୁରୀ ଗସ୍ତ କରି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ ସହ ପିଣ୍ଡଦାନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ୬ଦିନିଆ ଓଡ଼ିଶା ଗସ୍ତରେ ଆସି ରାଷ୍ଟ୍ରପତି ମୁର୍ମୁ ଗତ ସଂଧ୍ୟାରେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିଥିଲେ । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ତାଙ୍କୁ ବିମାନବନ୍ଦରଠାରେ ସ୍ୱାଗତ କରିଥିଲେ । ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ।

# ମୁଖ୍ୟମନ୍ତ୍ରୀ-ସାମୁହିକ ବିବାହ କାର୍ଯ୍ୟକ୍ରମ

ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁରସ୍ଥିତ ମା’ ତାରାତାରେଣୀ ପୀଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନା ଅଧୀନରେ ଏକ ସାମୁହିକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବବିବାହିତଙ୍କୁ ଯୋଜନା ଅଧୀନସ୍ଥ ଅର୍ଥରାଶି ଏବଂ ବିବାହ ପଞ୍ଜିକରଣ ପ୍ରମାଣପତ୍ର ପ୍ରଦାନ

କରିବେ । ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଏବଂ ମନ୍ତ୍ରିମଣ୍ଡଳର ଅନ୍ୟକେତେକ ସଦସ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି ।

# ସମୀକ୍ଷା ବୈଠକ

ସମ୍ବଲପୁର ଜିଲ୍ଲା ରାଜସ୍ୱ ବିଭାଗସ୍ତରୀୟ ସମୀକ୍ଷା ବୈଠକ ଗତକାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏଥିରେ ଯୋଗଦେଇ ଜମି ଅଧିଗ୍ରହଣ, ଅଭିଯୋଗ ସମାଧାନ ଆଦି ବିଭିନ୍ନ ପଦକ୍ଷେପର ସ୍ଥିତି ନେଇ ସମୀକ୍ଷା କରିଛନ୍ତି ।

# ସମବାୟ ମନ୍ତ୍ରୀ-ବଜେଟ୍

କେନ୍ଦ୍ର ବଜେଟ୍ ସମାଜର ସବୁବର୍ଗର ଲୋକଙ୍କ ପାଇଁ ସମାବେଶୀ ଓ ଜନକଲ୍ୟାଣକାରୀ ହେବା ସହିତ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ସହାୟକ ହେବ ବୋଲି ରାଜ୍ୟସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି । ଭଦ୍ରକ ବିଜେପି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବଳସାମନ୍ତ କହିଛନ୍ତି ଅର୍ଥନୈତିକ ଅଭିବୃଦ୍ଧି, ନିଯୁକ୍ତି ସୁଯୋଗ ସୃଷ୍ଟି, ମହିଳା ସଶକ୍ତିକରଣ ଦିଗରେ ଏହି ବଜେଟ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ।

# ନିତ୍ୟାନନ୍ଦ ଗଣ୍ଡ-ବଜେଟ୍

୨୦୨୬-୨୭ ଆର୍ଥିକ ବର୍ଷ ଲାଗି ପ୍ରସ୍ତୁତ କରାଯାଇଥିବା କେନ୍ଦ୍ରୀୟ ବଜେଟ୍‌ରେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ଏହି ବଜେଟ୍ ବିକଶିତ

ଭାରତ ତଥା ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ।

**V/O...**

## ବିଜ୍ଞପ୍ତି ପ୍ରକାଶ

ରାଜ୍ୟରେ ଆସନ୍ତା ଗୁରୁବାରଠାରୁ ୫୭ଟି ଉପନିବନ୍ଧକଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବା ନେଇ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ନୂତନ କାର୍ଯ୍ୟାଳୟ ଆରମ୍ଭ ହେବାଦ୍ୱାରା ଜମି କିଣାବିକା ଏବଂ ପଞ୍ଜିକରଣ ତ୍ୱରିତ ଓ ସହଜ ହୋଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶ

ରାଜ୍ୟରେ ନବଗଠିତ ୭ଟି ମ୍ୟୁନିସିପାଲିଟି ଏବଂ ୨୯ଟି ଏନ୍ଏସିରେ ସୀମା ପୁନଃନିର୍ଦ୍ଧାରଣ ଏବଂ ଆସନ ସଂରକ୍ଷଣ କାର୍ଯ୍ୟ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମ୍ପନ୍ନ କରିବାକୁ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶ ଦେଇଛି । ଏ ସଂକ୍ରାନ୍ତରେ ୧୮ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି । ଏଥିପାଇଁ ଆସନ୍ତା ୧୨ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବା ସହ ମତାମତ ଏବଂ ଆପତ୍ତି ଅଭିଯୋଗ ଦାଖଲ ପାଇଁ ଆସନ୍ତା ୨୧ ତାରିଖକୁ ସମୟସୀମା ଧାର୍ଯ୍ୟ କରାଯାଇଛି । ମାର୍ଚ୍ଚ ୧୮ରୁ ୨୮ ତାରିଖ ମଧ୍ୟରେ ଏହା ଉପରେ ଶୁଣାଣି କରାଯାଇ ୩୧ତାରିଖରେ ଚୂଡାନ୍ତ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ବିଭାଗ ପକ୍ଷରୁ ଜଣାପଡିଛି ।

## କୁମ୍ଭୀର ସଂଖ୍ୟା ବୃଦ୍ଧି

ମହାନଦୀର ସାତକୋଶିଆରେ ଘଡ଼ିଆଳ କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଗତ ୨ ଦିନ ଧରି କୁମ୍ଭୀର ଗଣନା କାର୍ଯ୍ୟ ଶେଷ ହେବା ପରେ ୨୨ଟି

ଘଡ଼ିଆଳ କୁମ୍ଭୀର ଏବଂ ୮୮ଟି ମଗର କୁମ୍ଭୀର ରହିଥିବା ଜଣାପଡିଛି । ୬୦ରୁ ଊର୍ଦ୍ଧ୍ୱ ବନ କର୍ମଚାରୀଙ୍କୁ ନେଇ ଗଠିତ ୧୪ଟି ଦଳ ଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ । ଗତବର୍ଷ ଘଡ଼ିଆଳ କୁମ୍ଭୀର ସଂଖ୍ୟା ୧୬ ଏବଂ ୫୯ଟି ମଗର କୁମ୍ଭୀର ରହିଥିଲେ ।

## ମାଲ୍ୟବନ୍ତ ମହୋତ୍ସବ

ମାଲକାନଗିରି ଜିଲ୍ଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବର ଗତକାଲି ଦ୍ୱିତୀୟ ସଂଧ୍ୟାରେ ସମ୍ବଲପୁରୀ, ଲାବଣୀ, ମାଲଖମ୍ବ ଏବଂ ବିହୁ ଭଳି ବିଭିନ୍ନ ସାଂସ୍କୃତିକ ନୃତ୍ୟ ପରିବେଷିତ ହୋଇଛି । ଚଳିତଥର ମହୋତ୍ସବରେ ଖୋଲାଯାଇଥିବା ୧୨୦ଟି ବିଭିନ୍ନ ଦୋକାନ ଓ ପ୍ରଦର୍ଶନୀ ମଣ୍ଡପରେ ଲୋକଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି ।

## ବୁଝାମଣାପତ୍ର ସ୍ୱାକ୍ଷରିତ

କୋରାପୁଟ ଜୟପୁରସ୍ଥିତ ଏମ୍‌ଏସ୍ ସ୍ୱାମୀନାଥ ଗବେଷଣା ପ୍ରତିଷ୍ଠାନ ଏବଂ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ବିଶ୍ୱବିଦ୍ୟାଳୟ କୁଳପତି ତଥା ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଓ ସ୍ୱାମୀନାଥ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ଏହି ବୁଝାମଣାପତ୍ର ପାରସ୍ପରିକ ଶିକ୍ଷାଗତ ଏବଂ ଗବେଷଣା କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା, ଉଭୟ ପ୍ରତିଷ୍ଠାନ ମଧ୍ୟରେ ପ୍ରଶାସନିକ ସହାୟତା ଆଦାନପ୍ରଦାନ ଆଦିକୁ ଏହି ବୁଝାମଣାପତ୍ର ସହଯୋଗ ପ୍ରଦାନ କରିବ ବୋଲି କୁହାଯାଇଛି ।

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାଅନୁସାରେ ଗତକାଲି ଜି. ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୯ ଦଶମିକ ୪ଡିଗ୍ରୀ ସେଲସିୟସ ରହିଥିଲା । ଆଜି ଜଗତ୍‌ସିଂହପୁର ଓ ପୁରୀ ଜିଲ୍ଲାର କେତେକ ସ୍ଥାନରେ ଘନ କୁହୁଡି ହେବାନେଇ ସତର୍କ ସୂଚନା ଜାରି କରାଯାଇଛି ।

# ସୁନାପୁର ବେଳାଭୂମି ମହୋତ୍ସବ

ଗଞ୍ଜାମ ଜିଲ୍ଲା ଚିକିଟି ନିର୍ବାଚନମଣ୍ଡଳୀଠାରେ ଆଜିଠାରୁ ସୁନାପୁର ବେଳାଭୂମି ମହୋତ୍ସବ ଆରମ୍ଭ ହୋଇଛି । ଉଦ୍‌ଘାଟନୀ ସମାରୋହରେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେବେ । ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବରେ ପ୍ରତ୍ୟେକ ଦିନ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ।